ALOCHANA
ସମାଲୋଚନା
ପ୍ର ସ ଙ୍ଗ ନା ରୀ

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୫
Volume No. 03 | Issue No. 03 | May-Jun 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)
DOI: 10.70541/BAGEESHA/NF2025030302

# ଆଶାର ନଦୀରେ ବେଦନାର ଭାର: ଓଡ଼ିଆ ଉପନ୍ୟାସର ପ୍ରମୁଖ ନାରୀ ଚରିତ୍ର

**ଡ. ବିଜୟଲକ୍ଷ୍ମୀ ଦାଶ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

RESEARCH ARTICLE

**ମୂଳଶବ୍ଦ:** ଉପନ୍ୟାସ, ନାରୀ, ଅନ୍ତରଙ୍ଗ, ସ୍ୱରୂପ, ଆନନ୍ଦ ଦାନ, ମନର ଗଭୀରତା, ନାରୀ ଚରିତ୍ର, ଓଡ଼ିଆ ସାହିତ୍ୟ, ଓଡ଼ିଆ ଉପନ୍ୟାସ।

ABSTRACT

**ସାରାଂଶ:** ଉପନ୍ୟାସ ଆଧୁନିକ ସାହିତ୍ୟର ଏକ ବର୍ଦ୍ଧିଷ୍ଣୁ ବିଭାଗ। ଶହେ ବର୍ଷର ବିବର୍ତ୍ତନରେ ଓଡ଼ିଆ ସାହିତ୍ୟରେ ଉପନ୍ୟାସର ବୈଚିତ୍ର୍ୟ ପରିଲକ୍ଷିତ। ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ଉପନ୍ୟାସର ପାଠକୀୟ ଆଦୃତି ସର୍ବାଧିକ। ନାରୀ ଜୀବନରେ ବିବିଧ ଚିତ୍ରର ଚିତ୍ରଣ ପାଇଁ ମଧ୍ୟ ଉପନ୍ୟାସ ଏକ ପ୍ରଶସ୍ତ କ୍ଷେତ୍ର। ଉପନ୍ୟାସର ବିସ୍ତୃତ କଳେବର ମଧ୍ୟରେ ନାରୀ ଚରିତ୍ରର ଭୂମିକା ତିନୋଟି ଦିଗରୁ ବିଶେଷ ଭାବରେ ବିଚାର କରାଯାଇପାରେ। ପ୍ରଥମତଃ ଆନନ୍ଦ ଦାନ, ଦ୍ୱିତୀୟତଃ ଶିକ୍ଷାଦାନ, ତୃତୀୟତଃ ଆଦର୍ଶ ବୋହୂ ପଣିଆ। ଏହି ତିନୋଟି ଗୁଣାବଳୀ ଭିତରେ ନାରୀର ଅନ୍ତରଙ୍ଗ ଓ ବର୍ହିରଙ୍ଗ ସ୍ୱରୂପକୁ ଉନ୍ମୋଚନ କରାଯାଇଥାଏ। ନାରୀ ମନର ଗଭୀରତା ତାର ବାହ୍ୟ ପ୍ରକାଶରୁ କଳନା କରିହୁଏ ନାହିଁ। ତେଣୁ ଔପନ୍ୟାସିକଙ୍କ ଦୃଷ୍ଟିରେ ନାରୀ... ହୃଦୟମୟୀ... ମାନମୟୀ... ପୁଲକମୟୀ। ଫୁଲ ଠାରୁ କୋମଳ, ଆକାଶଠୁ ସୁନୀଳ, ସମୟ ଠାରୁ ମହୀୟସୀ, ସ୍ରୋତ ଠାରୁ ଅମୃତମୟୀ। ଶିଶୁର କୋମଳ ଡାକ ଭଳି ସମ୍ଭାବନାମୟୀ। ଅହଲ୍ୟା ପରି ଅଭିଶପ୍ତା, ମାଟିର ମହତୀ ଡାକର ନାଁ... ନାରୀ। ଏସବୁ ଅନ୍ତରଙ୍ଗ ଦିଗଗୁଡ଼ିକ ଓଡ଼ିଆ ଔପନ୍ୟାସିକଙ୍କୁ ପ୍ରଭାବିତ କରିଛି। ଓଡ଼ିଆ ଉପନ୍ୟାସର କେତୋଟି ବିଶିଷ୍ଟ ନାରୀ ଚରିତ୍ର ମାଧ୍ୟମରେ ଆମେ ନାରୀ ଜୀବନର ଅନ୍ତଃସୌନ୍ଦର୍ଯ୍ୟକୁ ଅନୁଭବ କରିପାରିବା। ଏହି ଆଲୋଚନା ପ୍ରସଙ୍ଗରେ ମୁଁ ଓଡ଼ିଆ ଉପନ୍ୟାସର ସାନ୍ତାଣୀ, ଚିତ୍ରକଳା, ଗଉରା, ସତୀ ଓ ଧୋବୀ ଚରିତ୍ରକୁ ପରିସରଭୁକ୍ତ କରିଛି।

୧.୧: ସାନ୍ତାଣୀ: ବ୍ୟାସକବି ଫକୀରମୋହନ ସେନାପତିଙ୍କ କାଳଜୟୀ ଉପନ୍ୟାସ 'ଛ'ମାଣ ଆଠଗୁଣ୍ଠ'ର ଅନ୍ୟତମ ପ୍ରମୁଖ ନାରୀ ଚରିତ୍ର ହେଉଛି 'ସାନ୍ତାଣୀ'। ରାମଚନ୍ଦ୍ର ମଙ୍ଗରାଜଙ୍କର ଧର୍ମପତ୍ନୀ। କିନ୍ତୁ ଜମିଦାର ମଙ୍ଗରାଜର ଜୀବନ ମଞ୍ଚରେ ସାନ୍ତାଣୀ ସାମ୍ନାକୁ କେବେ ଆସିନାହାନ୍ତି। କିନ୍ତୁ ସେ ମଙ୍ଗରାଜଙ୍କ ଜୀବନରେ ସୂତ୍ରଧରର ଭୂମିକା ନିଭାଇଛନ୍ତି। ମୃତ୍ୟୁ ପରେ ମଧ୍ୟ ସାନ୍ତାଣୀଙ୍କ ପ୍ରଭାବ ମଙ୍ଗରାଜଙ୍କ ଜୀବନକୁ ନିୟନ୍ତ୍ରଣ କରିଛି। ସାନ୍ତରାଣୀଙ୍କର ଭାରି ନାଁ ଡ଼ାକ। ଗାଁର ଏମିତି କୌଣସି ସ୍ତ୍ରୀଲୋକ ନାହିଁ ଯିଏ ସାନ୍ତାଣୀଙ୍କର ପ୍ରଶଂସା କରେ ନାହିଁ। ପିଲାଠୁ ବୁଢା ଯାଏ ସଭିଙ୍କର ପେଟ ଚିହ୍ନନ୍ତି ସାନ୍ତାଣୀ। ସ୍ୱାମୀ ସେବା କଥା ପଡ଼ିଲେ ଦଶଖଣ୍ଡି ଗାଁର ଲୋକେ ସାନ୍ତାଣୀଙ୍କ ନାଁ ନିଅନ୍ତି। ଚରିତ୍ର ନିର୍ମଳ ଧର୍ମପରାୟଣା ନାରୀ ମୂର୍ତ୍ତି। କିନ୍ତୁ ଏଭଳି ଜଣେ ଆଦର୍ଶ ସ୍ଥାନୀୟା ନାରୀ ଭାଗ୍ୟରେ ସତେ ଯେମିତି ପତି ସୋହାଗ ନଥିଲା। ବିଧାତା ତାଙ୍କ କପାଳରୁ ସତେ ଯେପରି ପୋଛି ଦେଇଥିଲା। ଏ ପ୍ରକାର ହୃଦୟ ବିଦାରକ କଷ୍ଟକୁ ସେ ନୀରବରେ ସହିଯାଇଥିଲେ। ତିଳେ ମାତ୍ର ଅନୁଶୋଚନା ନଥିଲା। କେବଳ ପତି ସେବା ନୁହେଁ ମାନବ ସେବାକୁ ସେ ଜୀବନର ବ୍ରତ ଭାବେ ବରଣ କରି ନେଇଥିଲେ। ସାତ ଦୀପର ସମସ୍ତ ଶପଥ ତାଙ୍କ ଜୀବନକୁ ସାର୍ଥକ କରି ଦେଇଥିଲା। ଶାଳଗ୍ରାମର ଶୋଇବା ବସିବା ପରି ସାନ୍ତାଣୀଙ୍କର ହସକାନ୍ଦ, ସୁଖଦୁଃଖ, ଭାବଅଭାବର ଭେଦ ପାଇବା କଷ୍ଟକର ହୋଇ ପଡ଼ିଥିଲା। ଘରେ ସେ ତାଙ୍କର କର୍ତ୍ତୃତ୍ୱ ଜାହିର କରୁ ନଥିଲେ କିନ୍ତୁ ସ୍ୱତଃ ତାହା ଜାହିର ହୋଇ ରହୁଥିଲା।

ସାନ୍ତାଣୀ : ଓଡ଼ିଆ ଉପନ୍ୟାସର ବିଶ୍ୱଜନନୀ। ଦୟା, କ୍ଷମା, ସ୍ନେହ, ଭକ୍ତି ପ୍ରଭୃତି ସ୍ୱର୍ଗୀୟ ଗୁଣାବଳୀର ମୂର୍ତ୍ତିମତୀ ଦେବୀ। ମନର ଦୁଃଖକୁ ମନରେ ମାରିବାରେ ଜଣେ କୁଶଳୀ କଳାକାର। ରାମଚନ୍ଦ୍ର ମଙ୍ଗରାଜ କେବେ ଜୀବନରେ ସ୍ତ୍ରୀକୁ ଦୁଇପଦ ମିଠା କଥା କହିଥିବାର କେହି ଶୁଣି ନାହାଁ। ସାରା ଜୀବନ ବିତିଛି ମଙ୍ଗରାଜଙ୍କ ଉପେକ୍ଷା ଓ ଅପମାନକୁ ପୁଞ୍ଜି କରି। ବିବାହିତା ପତ୍ନୀକୁ ପୋଇଲି ଚମ୍ପା ସମ୍ମୁଖରେ ବାରମ୍ବାର ମଙ୍ଗରାଜ ଅପମାନ ଦିଅନ୍ତି। କିନ୍ତୁ ଅଭିମାନିନୀ ନାରୀ ସାନ୍ତାଣୀଙ୍କ ମୁହଁରୁ

କେହି କେବେ ସାଆନ୍ତ ମଙ୍ଗରାଜଙ୍କ ପ୍ରତି ଅବଜ୍ଞା ଦେଖିବାକୁ ମିଳି ନାହିଁ। ଯନ୍ତ୍ରଣାର ବୋଝକୁ ବୋହି ଲୁହ ଭରା ଆଖିରେ ଜୀବନ ବିତାଇଛନ୍ତି ସଦା ନୀରବ ଧର୍ମପତ୍ନୀ ସାନ୍ତାଣୀ। ସାନ୍ତାଣୀଙ୍କ ମୃତ୍ୟୁ ପରେ ସାଆନ୍ତ ମଙ୍ଗରାଜଙ୍କ ପାଖେ ପାଖେ ରହି ଶେଷକୁ ମଙ୍ଗରାଜଙ୍କ ଜୀବନ୍ମୃତ ଆତ୍ମାର ଉଜ୍ଜୀବନ କରିଛନ୍ତି ।

୧.୨: ଚରିତ୍ର ଚିତ୍ରଣରେ ବ୍ୟାସକବି ଫକୀର ମୋହନ ଥିଲେ ଜଣେ ସଫଳ ଔପନ୍ୟାସିକ। ତାଙ୍କ ଉପନ୍ୟାସରେ ପ୍ରତ୍ୟେକଟି ଚରିତ୍ର ଏକଏକ ସ୍ୱତନ୍ତ୍ର ବ୍ୟକ୍ତିସତ୍ତା ଓ ସ୍ୱତନ୍ତ୍ର ଗୁଣର ବାହକ। ଫକୀର ମୋହନ ଯଥାର୍ଥରେ ଥିଲେ ଦିବ୍ୟ ଅନ୍ତର୍ଦୃଷ୍ଟିସମ୍ପନ୍ନ କଥାକାର। ଯିଏ କି ନାରୀ ଚରିତ୍ରର ବିଶେଷ ସୂକ୍ଷ୍ମାତିସୂକ୍ଷ୍ମ ଦିଗଗୁଡ଼ିକୁ ଅତ୍ୟନ୍ତ ସହଜ ସରଳ ଢଙ୍ଗରେ ଉଦ୍‌ଘାଟିତ କରିଛନ୍ତି। ନାରୀର ମହନୀୟ ଗୁଣାବଳୀକୁ ଯେମିତି ଗୁରୁତ୍ୱ ଦେଇଛନ୍ତି, ନାରୀର କ୍ରୁର, କୁଟିଳ ଓ ଚତୁର ଦିଗଟିକୁ ମଧ୍ୟ ପ୍ରକାଶ କରାଇଛନ୍ତି। ଫକୀରମୋହନଙ୍କ 'ମାମୁଁ' ଉପନ୍ୟାସର ଚିତ୍ରକଳା ସମ୍ପର୍କରେ ବର୍ତ୍ତମାନ ଆଲୋଚନା କରିବା।

ଚିତ୍ରକଳାର ବେଶଭୂଷା, ଚାଲିଚଳଣ ଓ କଥାବାର୍ତ୍ତା ଖବ୍ ମାର୍ଜିତା ରଚି ସମ୍ପନ୍ନା। ଚମ୍ପା ଫୁଲ ପରି ଚହଟ ଗୋରୀ ଯଦିଓ ସେ ନୁହେଁ, ସେ ଶ୍ୟାମଳବର୍ଣ୍ଣା। ମୁହଁର ଗଢଣ ସୁନ୍ଦର। ଓଳିକରେ ଛ'ଅର ଘଷା ମଜାରେ ମୁହଁର ସୁନ୍ଦର ଦାଗ ଫୁଟି ଦିଶେ। ଚିତ୍ରକଳାର ସୁନ୍ଦର ରୂପ ନାଜରାଣୀଙ୍କ ଚିନ୍ତାର କାରଣ ସାଜେ। ଶୟନେ, ସ୍ୱପନେ ଜାଗରଣରେ ନାଜରାଣୀଙ୍କର ଚିନ୍ତାର କାରଣ - ଚିତ୍ରାଙ୍ଗୀ ଚିତ୍ରକଳା। ଯାହା ବୁଦ୍ଧି ପାଖରେ ନାଜିର ନଟବର ବାବୁଙ୍କ ବୁଦ୍ଧି ହଜିଯାଏ। ଚିତ୍ରକଳା ଚାହିଁଛି ନାଜରାଣୀଙ୍କୁ ହାତରେ ରଖି ତାଙ୍କର ସନ୍ତୋଷ ବିଧାନ କରିବ, ବଜାର ସଉଦା କରିବାକୁ ଯାଇ କମ୍ ପଇସାରେ ଅଧିକ ଜିନିଷ ଆଣି ନାଜରାଣୀଙ୍କର ଲୋଭୀ ମନକୁ ସହଜରେ ପୋଷା ମନେଇ ପାରିଛି। ନାଜରଙ୍କର ମଧ୍ୟ ଶତ ପ୍ରତିଶତ ସମର୍ଥ ଚିତ୍ରକଳାକୁ। ନାଜରାଣୀଙ୍କୁ କହନ୍ତି, ସେ ନିଆଶ୍ରୀ ସ୍ତ୍ରୀଲୋକ, କିନ୍ତୁ ପ୍ରଚୁର ଧନର ମାଲିକାଣୀ। ତାର କେହି ନାହାନ୍ତି। ସେଥିପାଇଁ ତାଙ୍କୁ ଆଶ୍ରା କରି ପଡ଼ିଛି। ସବୁ ସମ୍ପତ୍ତି ଶେଷରେ ସେ ତାଙ୍କରି ନାଁରେ ଲେଖି ଦେବ। ନାଜରଙ୍କ କଥା ଶୁଣି ରାଜରାଣୀଙ୍କ ପାଟିରେ ଶକ୍ତ କୋଲପଟିଏ ପଡିଗଲା। ହୋଇପାରେ ଚିତ୍ରକଳା ପୋଇଲି କିନ୍ତୁ ସେ ଥିଲା ସ୍ୱଭାବରେ ପ୍ରବଳ ଅହଙ୍କାରୀ। ଚିତ୍ରକଳା ଥିଲା ନାଜର ନଟବର ଘରର ପ୍ରକୃତ ମାଲିକାଣୀ।

ନାଜରଙ୍କ ପ୍ରରୋଚନାରେ ଉତ୍ତରରାୟ ବଂଶର ଖାନଦାନୀ ଅଳଙ୍କାର ପୁଟୁଳାକୁ ଦକ୍ଷତାର ସହ ଚୋରାଇବାରେ ସକ୍ଷମ ହୋଇଛି। ପ୍ରଭୁ ଦୟାଲ ସହିତ ରାସଲୀଳରେ ମାତିଥିବା ଚିତ୍ରକଳା ଯେତେବେଳେ ନାଜରଙ୍କ ଆଖିରେ ଧରା ପଡିଯାଉଛି, ଖୁବ୍ ଚତୁରତାର ସହ ନାଜରଙ୍କ ସରଳ ମନକୁ ଭୁଲାଇ ଦେଇ ପାରୁଛି। ଚୋରି ଅଭିଯୋଗରେ ଚିତ୍ରକଳା ବନ୍ଧା ହେବା ସମୟରେ, କୋର୍ଟରେ ଜବାବ୍ ସୁଆଲ ସମୟରେ ସେ ଆଦୌ ଭୟଭୀତ ହୋଇ ନାହିଁ। ବିଚାରପତିଙ୍କର ରାୟରେ ଚିତ୍ରକଳାର ସ୍ୱରୂପ ଫକରୀମୋହନ ଦେଖାଇଛନ୍ତି। ରାୟରେ ଲେଖା ଯାଇଛି "ଏହି ଆସାମୀ ଗୋଟାଏ ଭୟଙ୍କର ବୁଦ୍ଧିମତୀ, ଭୟଙ୍କର ଦୁଃଶ୍ଚରିତ୍ରା ଅଟେ ... ଚତୁରତାରେ ନାଜର ନଟବରକୁ ହାତବାରିସି କରି ଭୁଲାଇ ରଖିôଥିଲା। ଏହି ଦୁଷ୍ଟା ସ୍ତ୍ରୀ ବିଶ୍ୱାସଘାତକତା କରି ନାଜରଙ୍କ ବସାରୁ ଅଳଙ୍କାର ଚୋରାଇ ଆଣିଛି। ପୁଣି ଚୋରି ଅପରାଧରୁ ମୁକ୍ତି ପାଇବା ନିମନ୍ତେ ନାନାପ୍ରକାର କୌଶଳ ଅବଲମ୍ବନ କରୁଛି। 'ମାମୁଁ' ଉପନ୍ୟାସରେ ଚିତ୍ରକଳା ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତିତ୍ୱ।

୧.୩: ଓଡ଼ିଆ ଉପନ୍ୟାସ ସାହିତ୍ୟରେ ପ୍ରଥମ ମନୋବିଶ୍ଳେଷଣଧର୍ମୀ ଉପନ୍ୟାସ ହେଉଛି 'ମନେ ମନେ'। ଏହାର ଲେଖକ ହେଉଛନ୍ତି ବୈଷ୍ଣବ ଚରଣ ଦାସ ଏହି ଉପନ୍ୟାସର ଏକ ନାରୀ ଚରିତ୍ର ହେଉଛି 'ଗଉରୀ'। ସୁନ୍ଦର ମହନୀୟ ଚରିତ୍ରଟିଏ। ଉପନ୍ୟାସର ଆଉ ଏକ ନାରୀ ଚରିତ୍ର କନକ। ବୋଧହୁଏ ଅଦ୍ୟାବଧି ଓଡ଼ିଆ ଉପନ୍ୟାସରେ ବିରଳ 'ମନେ ମନେ'ର ନାୟିକା 'କନକ'। ଗଉରୀ କନକର ବିଧବା ବଡ଼ ନଣନ୍ଦ। ଦେହରେ ତାର ଧଳା ଲୁଗା, ମୁଣ୍ଡରେ ଚିତା ଓ ବେକରେ ତୁଳସୀ ମାଳ। ଭାଉଜ-ନଣନ୍ଦ ମଧ୍ୟରେ ଏତେ ଆନ୍ତରିକତାର ଚିତ୍ର ଅନ୍ୟତ୍ର ଦେଖା ଯାଏନା। ଦୁଇଟି ନାରୀ ମଧ୍ୟରେ ସମ୍ପର୍କ ଯେ କେତେ ଗଭୀର ଓ ଆନ୍ତିରିକ ହୋଇଥାଏ, ତାର ଚିତ୍ର ଆମେ 'ମନେ ମନେ'ରେ ପାଇପାରିବା। ବିବାହ ଓ ପ୍ରେମ ସମ୍ପର୍କିତ ଗଉରୀର ସ୍ୱଷ୍ଟ ଧାରଣା ସମାଜ ପାଇଁ ନୂଆ ବାର୍ତ୍ତା ପ୍ରଦାନ କରେ। ଗଉରୀ ମନେ କରିଛି ସବୁ ସମ୍ପର୍କର ଶେଷ କଥା ବିବାହ ନୁହେଁ। କାରଣ ବିବାହରେ ଗୋଟିଏ ହୃଦୟ ତା'ର ବାଞ୍ଛିତର ଠିକଣା ସବୁବେଳେ ପାଏ ନାହିଁ। ବିବାହ ଏକ ସାମାଜିକ ଅନୁଷ୍ଠାନ। କିନ୍ତୁ ହୃଦୟ ରାଜ୍ୟର ଶେଷ ସମାଧାନ ନୁହେଁ। ଗଉରୀ ଅନୁଭବ କରିଛି, ହୃଦୟ ହିଁ ସବୁ ଆନନ୍ଦର, ତୃପ୍ତିର ମୂଳ ହେତୁ। ପ୍ରକୃତ ପ୍ରେମ ଥିଲେ ବ୍ୟକ୍ତି ବାହାରେ କଣ ପାଇଲା ନ ପାଇଲା ସେଥିନେଇ ବିବ୍ରତ ହୁଏ ନାହିଁ। ପ୍ରେମ ଏକ ଶାଶ୍ୱତ ଅନୁଭବ। ଏହି ଅନୁଭବ ହିଁ ମନକୁ ଶାନ୍ତି ଦିଏ। ଅଥଚ ଏଇ ଅନୁଭବ ଟିକକର ଅଭାବରୁ ମଣିଷର ଜୀବନ ବ୍ୟର୍ଥତା ଓ ହତାଶାରେ ଜଳିପୋଡି ପାଉଁଶ ପାଲଟି ଯାଏ। ଯୁବତୀ ବିଧବାର ଯନ୍ତ୍ରଣାକ୍ତ ଜୀବନଚର୍ଯ୍ୟା, ବିବାହ କରିବା ନ କରିବା, ମାତୃତ୍ୱ ଲାଳସା ଭଳି ବିବିଧ ସମସ୍ୟାକୁ ନେଇ ସନ୍ତୁଳି ହୋଇ ନିଜ ଭାଗ୍ୟକୁ ନିନ୍ଦିବାର ବର୍ଣ୍ଣନା ଓଡ଼ିଆ ଉପନ୍ୟାସରେ ବହୁଳ ଭାବରେ ପ୍ରଦର୍ଶିତ। କିନ୍ତୁ 'ମନେ ମନେ'ଉପନ୍ୟାସର 'ଗଉରୀ' ଏକ ଅନନ୍ୟା ନାରୀ। ସେ ଏକ ବ୍ୟତିକ୍ରମ। ସୁନ୍ଦର ହୃଦୟର ସେ ଅଧିକାରିଣୀ। ତା' ଦୃଷ୍ଟିରେ ବୈଧବ୍ୟ ଜୀବନ ପାଇଁ ଅଭିଶାପ ନୁହେଁ। ଜୀବନଧାରାର ଏକ ପର୍ଯ୍ୟାୟ। ସାଥିବିହୀନ ନିଃସଙ୍ଗ ଜୀବନକୁ ସାଥିର ସ୍ମୃତିଚାରଣରେ ସୁନ୍ଦର, ସତେଜ କରି ଗଢି ତୋଳିଛି। କ୍ରୋଧ ନାହିଁ, ମାନ ଅଭିମାନ କିଛି ନାହିଁ ଅନ୍ୟର ଦୁଃଖ ଦୂର କରିବା ପାଇଁ ସଦା ପ୍ରତିଜ୍ଞାବଦ୍ଧ ଗଉରୀ। ସାଧାରଣ ସ୍ତ୍ରୀ ଲୋକଟିଏ। ସମାଜ-ବିବାହ-ପ୍ରେମ ଓ ବ୍ୟଥିତ ପ୍ରାଣର ବେଦନାକୁ ଯେପରି ବୁଝିଛି, ଓଡ଼ିଆ ଉପନ୍ୟାସର ଖୁବ୍ କମ୍ ଚରିତ୍ର ସେପରି ବୁଝିବାରେ ସମର୍ଥ ହୋଇଛନ୍ତି।

୧.୪: ଓଡ଼ିଆ ଉପନ୍ୟାସର ଆଉ ଏକ ସୁନ୍ଦର ନାରୀ ଚରିତ୍ର ହେଉଛି ସତ୍ୟଭାମା ଓରଫ୍ 'ସତୀ'। 'ମଲାଜହ୍ନ' ଉପନ୍ୟାସର ନାୟିକା ପିତା ଅନାଦି ମିଶ୍ର ସତୀକୁ ଧନୀ ଜମିଦାର ନରହରି

ମିଶ୍ରଙ୍କ ସହ ଦ୍ୱିତୀୟ ବିବାହ କରାଇଛନ୍ତି। ନରହରି ମିଶ୍ର ପରିଣତ ବୟସରେ ଉପନୀତ। କୁତ୍ସିତ କଦାକାର ରୂପ। ଏଗାର ବର୍ଷୀୟା କିଶୋରୀ ସତୀର ସୁଖ, ଶାନ୍ତି ଓ ଆନନ୍ଦ ଅପେକ୍ଷା ଧନୀ ଜ୍ୱାଇଁ ଲାଭର ଆଶା ଅନାଦି ମିଶ୍ରଙ୍କୁ ଅନ୍ଧ କରି ଦେଇଛି। ବାପା ମା'ଙ୍କର ଅଲିଅଳୀ ଝିଅ 'ସତୀ' ଗାଁରେ ଖେଳି ବୁଲି ସମୟ କାଟିବା, ଇଟିକିଲି ମିଟିକିଲି, ବୋହୂ ଚୋରୀ, ପୋଖରୀରୁ ପଦୁଅଁ ଫୁଲ ତୋଳିବା ଭିତରେ ସତୀର ଚପଳାମି ଲୁଚି ରହିଥିଲା। ଗାଁର ନାଥ ନନା ପ୍ରତି ରହିଥିଲା ସତୀ ହୃଦୟର ଅନାବିଳ ଆକର୍ଷଣ। କିନ୍ତୁ ଏ ଆକର୍ଷଣକୁ ପ୍ରଣୟ ପରିଣୟରେ ପରିଣତ କରିବାର ପ୍ରୟାସ ଦୁହିଁଙ୍କ ପକ୍ଷରୁ ପ୍ରକାଶ ପାଇ ନଥିଲା। ପିଲା ବୟସରେ ମନର ଆବେଗକୁ ଠିକଣା ଭାବରେ ସତୀ ବୁଝି ପାରି ନଥିଲା। ଜମିଦାରି ବରର ଧନଦରବ ସତୀକୁ ପୁଲକିତ କରି ଦେଇଥିଲା। ଦଶଦିଗପାଳଙ୍କୁ ସାକ୍ଷୀ ରଖି ସତୀ ବିବାହ କଲା। ପ୍ରଥମ ମିଳନ ରାତି, ସତୀର ମନରେ କୌଣସି ପ୍ରଭାବ ପକାଇଲା ନାହିଁ। ପ୍ରଥମ ମଧୁରାତିରେ ନା ଥିଲା ଆବେଗ ନା ଥିଲା ଆନନ୍ଦ। ବାପା ବୟସର ସ୍ୱାମୀ ସଙ୍ଗରେ କିପରି ଘରସଂସାର ସେ କରିବ।

ବୃଦ୍ଧ ସ୍ୱାମୀ ପାଖରେ 'ସତୀ' ନିଜକୁ ସମର୍ପି ଦେଇପାରି ନାହିଁ। ସମାଜର ମୋହରମରା ସ୍ୱାମୀ ନାମଧାରୀ ପଶୁର ତୃପ୍ତି ପାଖରେ 'ସତୀ' ଘୃଣା, ଦୁଃଖ, କ୍ଷୋଭ ଓ ଅପମାନରେ ସନ୍ତୁଳି ହୋଇ ଚତୁରତାର ସହ ଓହରି ଆସିଛି। ସ୍ୱାମୀତ୍ୱ ନାମରେ ସ୍ୱାମୀର ଅପପ୍ରଚେଷ୍ଟାକୁ ସେ ବାଧା ଦେଇଛି। ପୋଇଲି ସଉରଭୀ ସହ ସ୍ୱାମୀର ସମ୍ପର୍କ ସତୀ ମନର ଘୃଣା ଭାବକୁ ଆହୁରି ବଢେଇ ଦେଇଛି। କପିଳେଶ୍ୱର ମହାଦେବଙ୍କ ଦର୍ଶନ କରିଯିବା ସମୟରେ ସେଠାରେ ଚତୁରତାର ସହ ନରହରି ମିଶ୍ରେ ସତୀକୁ ଛାଡ଼ି ଦେଇ ଆସନ୍ତି। ଅସହାୟ ଅବସ୍ଥାରେ ସତୀର ସାକ୍ଷାତ ହୋଇଛି ନାଥ ନନା ସହିତ। ନାଥ ନନା ସତୀକୁ ନେଇ କଟକରେ ଭଡ଼ାଘରେ ରଖିଛି। ଗୋଟିଏ ଘରେ ସତୀ ନାଥନନା ସହିତ ରହିଛି ସତ, ଉଭୟେ କଠୋର ସଂଯମତା ଅବଲମ୍ବନ କରିଛନ୍ତି। ନାଥ ନନା ଯେଉଁଦିନ ସତୀର କପାଳରେ ପ୍ରଥମ କରି ଚୁମ୍ବନଟିଏ ଦେଇଛି ସତେ ଯେପରି ସତୀର ନାରୀ ଜୀବନ ସାର୍ଥକ ହୋଇଛି।

ସମାଜର ନାଲି ଆଖିକୁ ନାଥ ନନା ଭୃକ୍ଷେପ କରିନି। ସବୁ ଅପବାଦକୁ ମୁଣ୍ଡେଇ ସତୀ ପାଖରେ ଦମ୍ଭ ଧରି ଠିଆ ହୋଇଛି। ସତୀ ଜାଣିଥିଲା ସମାଜ କଦାପି ଲୋକନାଥ ଓ ସତୀକୁ ସ୍ୱାମୀ-ସ୍ତ୍ରୀ ଭାବେ ବଞ୍ଚିବାକୁ ଦେବ ନାହିଁ। ନାଥନନା ମଧ୍ୟ ସତୀର ହାତ କେବେ ଛାଡ଼ିବ ନାହିଁ। ପ୍ରିୟତମ ନାଥନନା ପ୍ରତି ସମାଜର ଅପମାନ ସତୀ ପକ୍ଷେ ଅସହ୍ୟ ହୋଇଛି। ଶେଷରେ ସତୀ ଆତ୍ମବିସର୍ଜନ କରିଛି। ସତୀର ଆତ୍ମବିସର୍ଜନ ସତୀକୁ ମହିମାବନ୍ତ କରି ନାହିଁ ବରଂ ସ୍ୱାମୀର ପାଶବିକ ଦେହଭୋଗ ଲାଳସାକୁ ବିରୋଧ କରିବାର ସାମର୍ଥ୍ୟ ସତୀ ଚରିତ୍ରର ମହନୀୟତାର ଅନ୍ୟତମ ମୂଳସୂତ୍ର।

୧.୫: ଆମ ଉପନ୍ୟାସ ଜଗତରେ ଆଉ ଏକ ମହନୀୟ ନାରୀ ଚରିତ୍ର ହେଉଛି 'ଧୋବୀ'। କାହ୍ନୁଚରଣ ମହାନ୍ତିଙ୍କ 'ଶାସ୍ତି' ଉପନ୍ୟାସର ନାୟିକା, ବିଷ୍ଣୁପୁର ଗାଁର ଚିନ୍ତେଇ ସୋଇଁଙ୍କ ଝିଅ ଧୋବୀ। ବନେଇ ପରିଡ଼ା ପୁଅ 'ସନେଇ' ସହିତ ଧୋବୀର ପ୍ରେମ ସମ୍ପର୍କ ଉପନ୍ୟାସର ମୁଖ୍ୟ କଥାବସ୍ତୁ। ଚିନେଇ ସୋଇଁଙ୍କ ଜାତ୍ୟାଭିମାନ ସନେଇ-ଧୋବୀର ପ୍ରେମରେ ପ୍ରମୁଖ ଅନ୍ତରାୟ ହୋଇ ଦେଖା ଦେଇଛି। ଧୋବୀକୁ ଜଣେ ଧନୀ ଜମିଦାର ସହିତ ବାପା ଚିନ୍ତେଇ ସୋଇଁ ବାହା କରାଇ ଦେଇଛି।

ଓଢଣା ତଳେ ଧୋବୀର ଆଖିରୁ ଧାର ଧାର ଲୁହ ଗଡ଼ି ଯାଉଛି। ଲୁହର ବାଦଲ ଭିତରେ ଦିଶି ଯାଉଛି ସନେଇର ସୁନ୍ଦର ମୁହଁ ଓ ବଳିଲା ବଳିଲା ଦେହ। ସନେଇର ସ୍ମୃତିକୁ କାନିର ଗଣ୍ଠି ଭିତରେ ସଯତ୍ନରେ ସାଇତି ରଖି ଧୋବୀ ଯାଇଛି ସ୍ୱାମୀ ସହ ସଂସାର କରିବାକୁ। କିନ୍ତୁ ଦଇବ ସହିଲାନି। ସ୍ୱାମୀର ଅକାଳ ମୃତ୍ୟୁରେ ସୁଅ ମୁହଁରେ ପତର ଭଳି ଧୋବୀକୁ ଭସାଇ ନେଇଛି।

ଦୁର୍ଭିକ୍ଷର କରାଳ ଗ୍ରାସରେ ସାମାଜିକ ଜୀବନ ବିପର୍ଯ୍ୟସ୍ତ ହୋଇଯାଇଛି। ସନେଇ ପରିଡ଼ାର ବଂଶଗତ ଦମ୍ଭକୁ ଦୁର୍ଭିକ୍ଷର ତାଡ଼ନା କୁଆଡେ ଭାଙ୍ଗ ରୁଜି ଚୁର୍‌ମାର କରିଦେଇଛି। ସନେଇ କାଙ୍ଗାଳ ଦଳରେ ମିଶି ଭାତ ମୁଠାଏ ପାଇଁ ବାର ଦୁଆର ବୁଲିଛି। ଜାତି ହରାଇଛି। ଧୋବୀ ବୈଧବ୍ୟର ଯନ୍ତ୍ରଣାକୁ ଛାତିରେ ଚାପି ଧରି ବାପଘର ଗାଁକୁ ଫେରିଛି। କାଙ୍ଗାଳ ସନେଇକୁ ଦେଖି ଧୋବୀର ଅନ୍ତରାତ୍ମା କାନ୍ଦି ଉଠିଛି। ଛୋଟ ଛୁଆଟିକୁ ଖୁଆଇବା ଭଳି ସନେଇକୁ ଧୋବୀ ଖୁଆଇ ଦେଇଛି। ଧୋବୀର ଅର୍ଥ ସାହାଯ୍ୟ, ପ୍ରେରଣା ଓ ଭଲ ପାଇବା ପୁଣି ସନେଇକୁ ସମାଜ ଆଗରେ ସଳଖ କରି ଠିଆ କରାଇଛି। ଦୀର୍ଘକାଳ ଧରି ଧୋବୀର ପ୍ରେମମୟ ସାଧନା ଶେଷରେ ସାମାଜିକ କଟକଣା ଭିତରେ ବନ୍ଧା ପଡ଼ିଛି। ପରିସ୍ଥିତିରେ ପଡ଼ି ସନେଇ କଇଁର ହାତ ଧରିଛି। ଆଶା ଭଙ୍ଗର ଯନ୍ତ୍ରଣା ଭିତରେ ସନ୍ତୁଳି ସନ୍ତୁଳି ଧୋବୀ ଶେଷରେ ମୃତ୍ୟୁ ମୁଖରେ ପଡିଛି।

୧.୬: ଉପନ୍ୟାସରେ ବର୍ଣ୍ଣିତ ପାଞ୍ଚଟି ପ୍ରତିନିଧି ସ୍ଥାନୀୟ ନାରୀ ଚରିତ୍ର ଔପନ୍ୟାସିକଙ୍କର କଳ୍ପନା ସଂଜାତ ହୋଇପାରନ୍ତି ସତ କିନ୍ତୁ ପାଠକର ମନୋଭାବରେ ସେମାନେ ଆଜି ବି ଜୀବନ୍ତ, ଚଳଚଞ୍ଚଳ ମନେ ହୁଅନ୍ତି। ସାନ୍ତାଣୀ-ଚିତ୍ରକଳା-ଗଉରୀ-ସତୀ-ଧୋବୀ ସଭିଏଁ ନିଜ ନିଜ ମହିମାରେ ମହିମାବନ୍ତ।

ଓଡ଼ିଆ ଉପନ୍ୟାସର ଏହି ପ୍ରିୟ ନାରୀମାନଙ୍କ ସମ୍ପର୍କରେ ଶ୍ରୋତାବନ୍ଧୁମାନଙ୍କୁ କିଛି ଶୁଣାଇବାକୁ ଗଲାବେଳେ ସେମାନେ ପୁନରାୟ ମୋ ସ୍ମୃତି ଭିତରକୁ ଚାଲି ଆସନ୍ତି। କେତେ ରୂପରେ ସେମାନେ ଆସିଛନ୍ତି। ମୋର ପ୍ରାଣକୁ ଦଧି ମନ୍ଥିଲା ପରି ମନ୍ଥି ଦେଇଛନ୍ତି ଉଦାରତାରେ, କାରୁଣ୍ୟରେ, ସ୍ନେହରେ, ପ୍ରେମରେ, ତ୍ୟାଗରେ ମାନବିକ ଆବେଦନରେ। ସତେ ଯେମିତି ଏମାନେ ଆଜି ଚଳଚଞ୍ଚଳା କିଶୋରୀଟିଏ ପରି ଅନୁରାଗମୟ ଜୀବନର ଚଉଛକିରେ ଠିଆ ହୋଇ ଆଜିର ନାରୀମାନଙ୍କୁ ବାଟ ଦେଖାଉଛନ୍ତି। ଔପନ୍ୟାସିକର ଶବ୍ଦର ମାୟାଜାଲ ଭିତରେ ଏମାନେ ସମୟର ପ୍ରତିନିଧିତ୍ୱ କରନ୍ତି। ଏଇ ନାରୀମାନେ ନିଶ୍ଚିତ ଚଳନ୍ତି ସମୟ ପାଇଁ ଆଦର୍ଶ ସ୍ଥାନୀୟା। ଆମ ସମୟର ପ୍ରିୟ ନାରୀ। ଏମାନଙ୍କୁ ନେଇ ମାନବତାର, ତ୍ୟାଗର ନୂଆ ଇତିହାସ ରଚିତ ହୁଏ ଔପନ୍ୟାସିକର ସର୍ଜନାରେ। ଶ୍ରୋତାବନ୍ଧୁ,

ହଁ ଅତୀତର ଉପନ୍ୟାସ ପୃଷ୍ଠାର ଏଇ ପ୍ରିୟ ନାରୀମାନଙ୍କୁ ଆପଣମାନଙ୍କ ହାତକୁ ଆଜି ଟେକି ଦେଲି। ସେମାନେ ଆପଣମାନଙ୍କର ପ୍ରିୟ ନାରୀରେ ପରିଣତ ହୋଇଯାଆନ୍ତୁ। ଏଇ ପ୍ରିୟ ନାରୀମାନେ ଆପଣମାନଙ୍କ ନିଃସ୍ୱାର୍ଥପର ଲୁହ ଦେଇ ଆଶ୍ୱାସନା ଦେବେ ... ଦରଦ ଦେବେ ... ପ୍ରେମ ଦେବେ। ଏମାନେ ହିଁ ପୁରୁଷର ପୁରୁଷାର୍ଥ ... ସବୁ ଅବଶୋଷର ଅବଶେଷ ... ଜୀବନର ଶେଷ ପୂର୍ଣ୍ଣତା।

(ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ)

●

ଘୋ ଷ ଣା

- ପତ୍ରିକାରେ ପ୍ରକାଶିତ ଲେଖାର ସତ୍ତ୍ୱ ସଂପୂର୍ଣ୍ଣ ଭାବେ ସମ୍ପୃକ୍ତ ଲେଖକ/ଲେଖିକାଙ୍କର। ତେଣୁ କୌଣସି ଲେଖାରେ ଯଦି କୌଣସି ତଥ୍ୟ ବା ତତ୍ତ୍ୱଗତ ବିଭ୍ରାନ୍ତି ଥାଏ; ତେବେ ଏଥି ପାଇଁ ଲେଖକ/ଲେଖିକା ସଂପୂର୍ଣ୍ଣ ଭାବେ ଦାୟୀ ରହିବେ।

- ଆମେ ସ୍ୱୀକାର କରୁଛୁ ଯେ ପତ୍ରିକାର କେତେକାଂଶରେ ବ୍ୟାକରଣ ଓ ସମ୍ପାଦନାଗତ(ଯାନ୍ତ୍ରିକ) ତ୍ରୁଟି ରହୁଛି । ଏଥି ପାଇଁ ଆମେ କ୍ଷମାପ୍ରାର୍ଥୀ। ଆମେ ଯଥାସାଧ୍ୟ ଚେଷ୍ଟା କରିବୁ ପତ୍ରିକାଟିକୁ ତ୍ରୁଟିଶୂନ୍ୟ ଭାବେ ପ୍ରକାଶ କରିବାପାଇଁ।

- ଲେଖକ/ଲେଖିକାମାନଙ୍କୁ ଅନୁରୋଧ-ଯେଉଁ ଲେଖାଟି ଆପଣ ପ୍ରକାଶନ ପାଇଁ ପଠାଉଛନ୍ତି ପ୍ରଥମେ ଆପଣ ନିଜେ ଏହାକୁ ଠିକ୍ ଭାବେ ପଢ଼ି ଆବଶ୍ୟକୀୟ ସଂଶୋଧନ କରିନିଅନ୍ତୁ। ଯାହା ଫଳରେ ଲେଖାଟି ଶୀଘ୍ର ପ୍ରକାଶନ ପାଇଁ ଯୋଗ୍ୟ ବିବେଚିତ ହେବ।

- ସମ୍ପାଦକ